Ple dispatch
13.04.2026

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
**Government of Odisha**
**Panchayati Raj & D.W Department**

ଓଡ଼ିଶା ଲୋକସେବା ଭବନ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan,
Sachibalaya Marg,
Bhubaneswar – 751001
Fax.0674 – 2391413
E-mail-prsec.or@nic.in

---

**No.** PR-PADM-MISC-0049-2026 10394 **Date:** 13.04.2026

From,

Shri Surya Narayan Dash, OAS (SS),

Special Secretary to Government.

To,

All Collectors.

Sub:- Convening of Special Gram Sabha on 17th April, 2026 on key flagship programmes.

Madam/Sir,

In inviting reference to the subject cited above, I am directed to say that it has been decided to convene a **Special Gram Sabha on 17th April, 2026** in all Gram Panchayats across the State to deliberate upon and create awareness on important flagship programmes of the Government.

The Special Gram Sabha shall focus on the following key issues:

1. **Nari Shakti Bandana** – Strengthening women empowerment, enhancing participation of women in governance, and promoting leadership at the grassroots level.
2. **Mission PoWaR (Power, Water and Roads)** – Ensuring universal access to piped drinking water, reliable electricity, and all-weather road connectivity to every village within the targeted timeline, with emphasis on speed, scale, and quality.
3. **Antyodaya Gruha Yojana** – Identification and inclusion of eligible beneficiaries for housing support, ensuring coverage of the most vulnerable sections.
4. Collection of community feedback and suggestions.

The Gram Sabha shall serve as a platform for dissemination of programme

objectives, identification of local issues and gaps, and eliciting community feedback for effective implementation.

You are, therefore, requested to issue necessary instructions to all PRIs and field functionaries under your jurisdiction for smooth and timely conduct of the Special Gram Sabha on the above date. Wide participation of community members, SHG representatives, and frontline workers may kindly be ensured for meaningful deliberations.

Your personal supervision and support will be crucial for the success of this important initiative.

Yours faithfully

Special Secretary to Government

**CC to:** For information & necessary action.

1. All CDO-cum-EO, Zilla Parishads.
2. All BDOs.
3. All DPOs.
4. Guard File (**Email-** padmpr@gmail.com).

13.04.2026


ଓଡିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
**Government of Odisha**
**Panchayati Raj & D.W Department**

ଓଡିଶା ଲୋକସେବା ଭବନ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan,
Sachibalaya Marg,
Bhubaneswar – 751001
Fax.0674 – 2391413
E-mail-prsec.or@nic.in


**No.** PR-PADM-MISC-0049-2026 ୧୦୩୯୪ **Date:** ୧୩.୦୪.୨୦୨୬

**ପ୍ରେରକ**

ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ, ଓ.ପ୍ର.ସେ,

ସ୍ୱତନ୍ତ୍ର ଶାସନ ସଚିବ ।

**ପ୍ରାପ୍ତେଷୁ**

ସମସ୍ତ ଜିଲ୍ଲାପାଳ ।

**ବିଷୟ:** - ମୁଖ୍ୟ ଫ୍ଲାଗସିପ୍ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ୧୭ ଏପ୍ରିଲ, ୨୦୨୬ ରିଖରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ ପ୍ରସଙ୍ଗରେ ।

**ମହୋଦୟ/ମହୋଦୟା,**

ଉପରୋକ୍ତ ବିଷୟ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରି ମୁଁ କହିବାକୁ ନିର୍ଦ୍ଦେଶିତ ହୋଇଛି କି, ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଫ୍ଲାଗସିପ୍ କାର୍ଯ୍ୟକ୍ରମଗୁଡିକ ସମ୍ପର୍କରେ ଆଲୋଚନା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା **୧୭ ଏପ୍ରିଲ, ୨୦୨୬** ତାରିଖରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରିବାକୁ ସ୍ଥିର କରାଯାଇଛି ।

ଏହି ସ୍ୱତନ୍ତ୍ର ଗ୍ରାମସଭା ନିମ୍ନଲିଖିତ ମୁଖ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିବ:

୧. **ନାରୀ ଶକ୍ତି ବନ୍ଦନ** – ମହିଳା ସଶକ୍ତିକରଣକୁ ସୁଦୃଢ଼ କରିବା, ଶାସନ ପ୍ରକ୍ରିୟାରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ତୃଣମୂଳ ସ୍ତରରେ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ।

୨. **ମିଶନ PoWaR (Power, Water and Roads)** – ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରତି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ, ନିର୍ଭରଯୋଗ୍ୟ ବିଦ୍ୟୁତ ଏବଂ ସବୁଦିନିଆ ରାସ୍ତା ସଂଯୋଗୀକରଣ ସୁନିଶ୍ଚିତ କରିବା; ଯେଉଁଥିରେ ଗତି, ବ୍ୟାପ୍ତି ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱ ଦିଆଯିବ ।

୩. **ଅନ୍ତ୍ୟୋଦୟ ଗୃହ ଯୋଜନା** – ଗୃହ ସହାୟତା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ଏବଂ ଅନ୍ତର୍ଭୁକ୍ତ କରିବା, ଯେପରି ଅତି ଅସହାୟ ବର୍ଗଙ୍କୁ ଏଥିରେ ସାମିଲ କରାଯାଇପାରିବ ।

୪. ଗୋଷ୍ଠୀଗତ ମତାମତ ଏବଂ ପରାମର୍ଶ ସଂଗ୍ରହ ।

ଏହି ଗ୍ରାମସଭା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରସାର କରିବା, ସ୍ଥାନୀୟ ସମସ୍ୟା ଓ ଅଭାବ ଚିହ୍ନଟ କରିବା ଏବଂ ପ୍ରଭାବଶାଳୀ ରୂପାୟନ ପାଇଁ ଗୋଷ୍ଠୀଗତ ମତାମତ ସଂଗ୍ରହ କରିବାର ଏକ ମାଧ୍ୟମ ହେବ ।

(P.T.O)

ତେଣୁ, ଉକ୍ତ ତାରିଖରେ ଏହି ସ୍ୱତନ୍ତ୍ର ଗ୍ରାମସଭାଗୁଡିକୁ ସୁରୁଖୁରୁରେ ଏବଂ ସମୟାନୁବର୍ତ୍ତୀ ଭାବେ ପରିଚାଳନା କରିବା ପାଇଁ ଆପଣଙ୍କ ଅଧୀନରେ ଥିବା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନ (PRI) ଏବଂ କ୍ଷେତ୍ରୀୟ କର୍ମଚାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଉଛି । ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଗୋଷ୍ଠୀ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ (SHG) ପ୍ରତିନିଧି ଏବଂ ସମ୍ମୁଖ କର୍ମଚାରୀମାନଙ୍କ ବ୍ୟାପକ ଅଂଶଗ୍ରହଣ ସୁନିଶ୍ଚିତ କରାଯିବ ।

ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ସଫଳତା ପାଇଁ ଆପଣଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନ ଏବଂ ସହଯୋଗ ଅତ୍ୟନ୍ତ ଜରୁରୀ ।

ଆପଣଙ୍କର ବିଶ୍ୱସ୍ତ,

ସ୍ୱତନ୍ତ୍ର ଶାସନ ସଚିବ

**ନକଲ ପ୍ରେରଣ:** ଅବଗତି ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ।

୧. ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ।

୨. ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ।

୩. ସମସ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ।

୪. ଗାର୍ଡ ଫାଇଲ୍ (ଇମେଲ- padmpr@gmail.com) ।